# ସ୍ପିଲ୍‌ୱେ ପାଇଁ ମାଟି ନମୁନା ସଂଗ୍ରହ

## ଉଚ୍ଛେଦ ଆଶଙ୍କାରେ ୨ ପଡ଼ାବାସୀ

ସମ୍ବଲପୁର, ୨୮(ବ୍ୟୁରୋ): ହୀରାକୁଦ ନଦୀବନ୍ଧରେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ପାଇଁ ମାଟି ନମୂନା ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି। ଚିହ୍ନଟ ହୋଇଥିବା ୩ଟି ସ୍ଥାନରୁ ମାଟି ନମୂନା ସଂଗ୍ରହ ହେବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ହୀରାକୁଦ ସ୍ଥିତ ଗାନ୍ଧୀନଗର ପଡ଼ା ପାହାଡ଼ ଉପରେ ଡ୍ରିଲିଂ କରାଯାଇ ମାଟି ନମୂନା ସଂଗ୍ରହ କରାଯାଉଛି। ଆସନ୍ତା ୨ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ ବୋଲି ସୂଚନା ମିଳିଛି। ଗୋଟିଏ ପଟେ ମାଟି ନମୂନା ସଂଗ୍ରହ ହେଉଥିବା ବେଳେ ଅନ୍ୟପଟେ ପଡ଼ା ଉଚ୍ଛେଦ ହେବ ବୋଲି ଖବର ପାଇ ଆଶା ଆଶଙ୍କାରେ ଲକ୍ଷ୍ମୀନଗର ଓ ଗାନ୍ଧୀନଗର ପଡ଼ାବାସୀ ରହିଛନ୍ତି।

ହୀରାକୁଦ ବନ୍ଧର ସୁରକ୍ଷା ଦୃଷ୍ଟିରୁ ତଥା ଭବିଷ୍ୟତରେ ଅପ୍ରତ୍ୟାଶିତ ବନ୍ୟା ପାଣି ନିୟନ୍ତ୍ରଣ ଲାଗି ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି) ଯୋଜନା ରଖିଛି। ଏଥିପାଇଁ ବିଶ୍ୱ ବ୍ୟାଙ୍କ ଅଧୀନରେ ପରିଚାଳିତ ଡ୍ୟାମ୍



ରିହାବିଲିଟେସନ୍ ଇମ୍ପ୍ଲିମେଣ୍ଟେସନ୍ ପ୍ରୋଜେକ୍ଟ (ଡ୍ରିପ୍) ଅନୁଦାନରେ ହେବାକୁ ଥିବା ଏହି ପ୍ରକଳ୍ପ ଅନୁଧ୍ୟାନ ପାଇଁ ଗତ ଅପ୍ରେଲ ୧୪ ତାରିଖ କେନ୍ଦ୍ରୀୟ ବୈଷୟିକ ଦଳ ହୀରାକୁଦ ବନ୍ଧ ପରିଦର୍ଶନ କରିଛନ୍ତି। ବନ୍ଧର ଉଭୟ ପାର୍ଶ୍ୱ ପରିଦର୍ଶନ କରି ୩ଟି ସ୍ଥାନ ଏଥିପାଇଁ ଚିହ୍ନଟ କରିଛନ୍ତି। କେନ୍ଦ୍ରୀୟ ଦଳ ଦେଇଥିବା ପ୍ରସ୍ତାବକୁ ଗତ ଜୁନ୍ ମାସରେ ଅନୁଧ୍ୟାନ କରାଯିବା ପରେ ଏବେ ଏଠାରେ ମାଟି ନମୂନା ସଂଗ୍ରହ କରିବା ପାଇଁ ଏକ ଟିମ୍ ଆସି ଡେରା ପକାଇଛି। କଟକର ଅର୍ବିଟାଲ୍ ଇନ୍‌ଫ୍ରାଷ୍ଟ୍ରକଚର୍ କନସଲଟାନ୍ସି ଆଣ୍ଡ୍ ରିସର୍ଚ୍ଚ ନାମକ ସଂସ୍ଥାର ଏହି କର୍ମଚାରୀ ୩ଟି ସ୍ଥାନରେ ୧୪ଟି ହୋଲ୍ କରି ମାଟି ନମୂନା ସଂଗ୍ରହ କରିବେ। ପାହାଡ଼ ତଳେ ୩୦ ମିଟର ଓ ଉପରେ ୭୫ ମିଟର ହୋଲ୍ କରି ମାଟି ନମୂନା ସଂଗ୍ରହ କରିବେ। ପ୍ରଥମେ ଏହି ମାଟି ନମୂନା କଟକରେ ଓ ପରେ ଦିଲ୍ଲୀରେ ପରୀକ୍ଷା କରାଯିବ ବୋଲି ମାଟି ସଂଗ୍ରହ କରୁଥିବା ଟିମ୍‌ର ସଦସ୍ୟମାନେ ପ୍ରକାଶ କରିଛନ୍ତି। ସମସ୍ତ ୧୪ଟି ହୋଲ୍‌ର ମାଟି ସଂଗ୍ରହ କରିବା ପାଇଁ ପ୍ରାୟ ୨ ମାସ ଲାଗିବ ବୋଲି ସେମାନେ ସୂଚନା ଦେଇଛନ୍ତି। ଅନ୍ୟପଟେ ପ୍ରସ୍ତାବିତ ଅତିରିକ୍ତ ସ୍ପିଲ୍ ୱେ ପାଇଁ ଗାନ୍ଧୀନଗର ଓ ଲକ୍ଷ୍ମୀ ନଗର ପଡ଼ା ଉଚ୍ଛେଦ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ମାଟି ନମୂନା ସଂଗ୍ରହ ଆରମ୍ଭ ହେବା ପରେ ୨ ପଡ଼ାବାସୀ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ୨ ପଡ଼ାରେ ପ୍ରାୟ ୧୫୦ ପରିବାର ରହୁଛନ୍ତି। ପଡ଼ା ଉଚ୍ଛେଦ ନେଇ ସେମାନଙ୍କୁ ପାଖକୁ କୌଣସି ବିଧିବଦ୍ଧ ନୋଟିସ୍ ଆସିନଥିବା ବେଳେ ଏହି ଡ଼ର ସେମାନଙ୍କୁ ବ୍ୟତିବ୍ୟସ୍ତ କରିପକାଇଛି। ସେହିପରି ପଡ଼ାରେ ଜାଗା ରଖିଥିବା ଲୋକେ ଭୟରେ କେହି ଘର ତିଆରି କରୁନଥିବା ମଧ୍ୟ ଜଣାପଡ଼ିଛି।